**Roll No.** | | | | | | | |

**DAV PUBLIC SCHOOLS, ODISHA**

**ANNUAL EXAMINATION, 2025-26**

- Please check that this question paper contains **03** printed pages.
- Check that this question paper contains **14** questions.
- Write down the Serial Number of the question in the left side of the margin before attempting it.

**CLASS: III**
**SUBJECT: ODIA**

**Time: 2 Hours** **Maximum Marks: 50**

**ସାଧାରଣ ନିର୍ଦ୍ଦେଶାବଳୀ -**

- **ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅ।**
- **ପ୍ରଶ୍ନପତ୍ରଟିରେ ସମୁଦାୟ ୪ଟି ବିଭାଗ ଓ ୧୪ଟି ମୁଦ୍ରିତ ପ୍ରଶ୍ନ ରହିଛି ।**
- **ବିଭାଗର ନାମ ଲେଖିବା ସହିତ ବାମ ପାର୍ଶ୍ୱରେ ପ୍ରଶ୍ନଗୁଡ଼ିକର କ୍ରମିକ ସଂଖ୍ୟା ଲେଖ ।**
- **ସମସ୍ତ ଉତ୍ତର ଲେଖି ସାରିବା ପରେ ପୁନର୍ବାର ଯାଞ୍ଚ କର ।**

**['କ' ବିଭାଗ - ପଠନ - ୫ ଅଙ୍କ ]**

**୧. ତଳେ ଦିଆଯାଇଥିବା ଅନୁଚ୍ଛେଦଟି ପଢ଼ି ଉତ୍ତର ଲେଖ।** **(୫×୧=୫)**

ଆମ ଗାଁର ନାମ ରଘୁନାଥପୁର। ଏହାକୁ ଘେରି ରହିଛି ସବୁଜ ଶସ୍ୟକ୍ଷେତ। ଅଳ୍ପ ଦୂରରେ ଟିକି ନଈଟି କୁଳୁକୁଳୁ ଶବ୍ଦ କରି ବହିଯାଉଛି। ଗାଁ ମୁଣ୍ଡରେ ଶିବମନ୍ଦିର ଅଛି । ଗାଁର ଅର୍ଦ୍ଧେକରୁ ବେଶି ଲୋକ ଚାଷ କାମ କରି ପେଟ ପୋଷନ୍ତି। କ୍ଷେତରେ ଧାନ, ଗହମ, ମୁଗ, ବିରି, ଓ ଚିନାବାଦାମ ଚାଷ କରନ୍ତି। ନିଜ ପରିବାର ଚଳିବା ପାଇଁ ଖାଦ୍ୟଶସ୍ୟ ରଖି ଅବଶିଷ୍ଟ ବିକ୍ରି କରିଥାନ୍ତି। ଏହାଫଳରେ ଅନ୍ୟ ଲୋକମାନେ ସେସବୁ ସୁବିଧାରେ ପାଇପାରନ୍ତି। ଗାଁର ଆଉ କେତେକ ଲୋକ କାଠରେ ଖଟ, ଚଉକି, ଟେବୁଲ, କବାଟ ଓ ଝରକା ଆଦି ତିଆରି କରନ୍ତି। ସେମାନଙ୍କୁ କାଠମିସ୍ତ୍ରୀ କୁହାଯାଏ। ଗାଁରେ ନାନାପ୍ରକାର ପର୍ବପର୍ବାଣି ପାଳିତ ହୁଏ। ଲୋକମାନେ ପରସ୍ପର ମିଳିମିଶି ମନ ଫୁର୍ତ୍ତିରେ ପର୍ବପର୍ବାଣି ପାଳିଥାନ୍ତି। ଗାଁର ପରିବେଶକୁ ସବୁଜ ସତେଜ ରଖିବା ପାଇଁ ଲୋକମାନେ ବୃକ୍ଷରୋପଣ କରନ୍ତି। ଫଳରେ ଗାଁଠାରୁ ଅଳ୍ପ ଦୂରରେ ସୁନ୍ଦର ଜଙ୍ଗଲଟିଏ ସୃଷ୍ଟି ହୋଇଛି।

(କ) ଗାଁଟିର ନାମ କ'ଣ ଥିଲା ?
(ଖ) ଗାଁ ମୁଣ୍ଡରେ କେଉଁ ମନ୍ଦିର ଅଛି ?
(ଗ) କ୍ଷେତରେ କ'ଣ କ'ଣ ଚାଷ କରନ୍ତି ?
(ଘ) ଗାଁର ପରିବେଶକୁ ସବୁଜ ସୁନ୍ଦର ରଖିବା ପାଇଁ ଲୋକମାନେ କ'ଣ କରନ୍ତି ?
(ଙ) 'ନଦୀ ' ର ପ୍ରତିଶବ୍ଦ ଅନୁଚ୍ଛେଦରୁ ବାଛି ଲେଖ ?

**['ଖ' ବିଭାଗ - ଲିଖନ - ୫ ଅଙ୍କ ]**

**୨. ଯେ କୌଣସି ଗୋଟିଏ ବିଷୟରେ ଅନୁଚ୍ଛେଦ ଲେଖ।** **(୫)**

ଶିଶୁଦିବସ

**କିମ୍ବା**

ତୁମ ପରିବାର

['ଗ' ବିଭାଗ - ବ୍ୟାକରଣ - ୧୫ ଅଙ୍କ ]

୩. ଶବ୍ଦ ଗୁଡିକର ନୂଆ ରୂପ ଲେଖ। (୩x୧=୩)

(କ)ଉଦୟ (ଖ) କଥା (ଗ) ନିନ୍ଦା

୪. ବନ୍ଧନୀ ମଧ୍ୟରୁ ଠିକ୍ ପ୍ରତିଶବ୍ଦଟି ବାଛି ଲେଖ। (୩X୧=୩)

(କ) ରାଜତ୍ୱ - ______________ ( ଶାସକ, ଶାସନ, ରାଜା, ରାଜ୍ୟ )

(ଖ) କାକ - ______________ ( କୋଇଲି, ଚିଲ, ଶାଗୁଣା, କୁଆ )

(ଗ) ଫୁଲ - ______________ ( କୁସୁମ, ଫଳ, ପତ୍ର, ପାଖୁଡା )

୫. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ। (୩×୧=୩)

(କ) ଶରଧା (ଖ) ସଇନ (ଗ) ଯତନ

୬. ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ ଲେଖ । (୩×୧=୩)

(କ) ଦିନ (ଖ) ସୁସ୍ଥ (ଗ) ସାନ

୭. " ଜୀବଜନ୍ତୁ " ପରି ଆଉ ୩ଟି ଯୋଡ଼ାଶବ୍ଦ ଲେଖ। (୩×୧=୩)

['ଘ' ବିଭାଗ – ସାହିତ୍ୟ - ୨୫ ଅଙ୍କ ]

୮. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭକୁ ଯୋଗ କର। (୬ x.୫ =୩)

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଭକତି | ବୀରଭୂମି |
| ରାଜସ୍ଥାନ | ମହୁଲଫୁଲ |
| ହରିଣ | ଅନ୍ତରେ |
| ବଣି | ଉଷାକୋଠି |
| ଧରମା | ମରାଠୀ |
| ମହାରାଷ୍ଟ୍ର | ବରକୋଳି |
| | ଶିମିଳିପାଳ |

(୯) ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣକର। (୩×୧=୩)

(କ) ପକ୍ଷୀମାନଙ୍କ ପାଇଁ ଓଡ଼ିଶାରେ ___________ ଠାରେ ଅଭୟାରଣ୍ୟ ରହିଛି|

( ଉଷାକୋଠି, ଚିଲିକା, ଚନ୍ଦକା,ଶିମିଳିପାଳ )

(ଖ) ଆସାମର ଲୋକମାନେ __________ ଭାଷାରେ କଥାବାର୍ତ୍ତା ହୁଅନ୍ତି |

( ବଙ୍ଗଳା, ଅସମୀୟା, ପଞ୍ଜାବୀ, ମରାଠୀ )

(ଗ) କୋଣାର୍କ ମନ୍ଦିର __________ନଦୀ ମୁହାଣରେ ଅବସ୍ଥିତ।

( ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ଚନ୍ଦ୍ରଭାଗା )

୧୦. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ନେଇ ବାକ୍ୟ ଗଠନ କର। (୩×୧=୩)

(କ) ସୀମା (ଖ) ଅଦାଲତ (ଗ) ରୋଗିଣୀ

୧୧. ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଲେଖ। (୩×୧=୩)

(କ) ଯାତ (ଖ) ପରମେଶ୍ୱର (ଗ) ମୁଲକ

୧୨. କବିତାରେ ଥିବା ଶୂନ୍ୟସ୍ଥାନକୁ ପୂରଣ କର। (୬×୦.୫=୩)

ଆମ ଏ ଦେଶର ଯଶ ______

ଦେଖି ______ ବଢ଼ିଲା ଲୋଭ ।

ଦଖଲ କଲେ ସେ ସାରା ______

ଦେଖାଇ ଆମକୁ ଗୁଳି ବନ୍ଧୁକ ।

ସୁନାର ଏକ ______ ଗଢ଼ି

ଆଣିବେ _____ ମୋର,

ମାଆଠୁ ମାଗି ଦେବିଲୋ ତୋତେ

କଦଳୀ _____ ସର ।

୧୩. ନିମ୍ନଲିଖିତ ପ୍ରଶ୍ନ ମଧ୍ୟରୁ ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଲେଖ। (୪×୨=୮)

(କ) ଦୋକାନୀ ଯୁବକ ଉପରେ ବିଦ୍ୟାସାଗର ଖୁସି ହେଲେ କାହିଁକି?

(ଖ) ବୀରକିଶୋର କାହିଁକି କବିତା ଲେଖୁଥିଲେ?

(ଗ) ହିନ୍ଦୀ ଭାଷାକୁ କାହିଁକି ଭାରତର ରାଷ୍ଟ୍ରଭାଷା କରାଯାଇଛି?

(ଘ) ଫୁଲ କ'ଣ ବିତରିବା ପାଇଁ ଚାହୁଁଅଛି?

(ଙ) ମଣିଷ କାହିଁକି ପଶୁପକ୍ଷୀ ଙ୍କୁ ମାରିଥାଏ?

(ଚ) କୁନା ବଣି କୁ କଣ ଖାଇବାକୁ ଦେବ ବୋଲି କହିଲା ?

୧୪. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ। (୧×୨=୨)

(କ) ଜାତିଭାଇଙ୍କ ପାଇଁ କିଏ ଜୀବନ ଦେଇଥିଲା? ତା'ର ଏହି ମହାନତାରୁ ତୁମେ କଣ ଶିଖିଲ?

(ଖ) ଆମ ପୃଥିବୀରେ ଗଛ ନ ରହିଲେ ଆମର କି କି ଅସୁବିଧା ହେବ?